ସକାଳ THE SAKALA



## ଗୋ ମାଫିଆ ଗିରଫ



**ତିଗିରିଆ, ୧୭।୨(ସମିସ):** ତିଗିରିଆ ପୁଲିସ ପକ୍ଷରୁ ଆଜି ଜଣେ ଗୋ ମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇସ୍ମିତା ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଗୋ ମାଫିଆ ଏହି ଥାନା ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ କରଡ଼ାପଲ୍ଲୀ ଗ୍ରାମର ସାହାଦତ୍ତ ମହମ୍ମଦ ଓରଫ ପୁନିଆ (୩୨)। ଅଭିଯୁକ୍ତ ନାମରେ ୨୦୨୩ ମସିହାରୁ ବିଭିନ୍ନ ଦଫାରେ ମାମଲା ରହିଥିବା ବେଳେ ସେ ପୁଲିସକୁ ଚକମା ଦେଖାଇ ଦୀର୍ଘ ଦିନ ଧରି ଫେରାର ରହିବାରେ ସକ୍ଷମ ହୋଇଥିଲା। ଆଜି ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇସ୍ମିତା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

### ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ଠକେଇ ଘଟଣା

# ପୁଣି ବନ୍ଧା ହେଲେ ୫ ସାଇବର ଲୁଟେରା

**କଟକ, ୧୭।୨(ସମିସ)**

ମଧୁପାଟଣା ଥାନା ଅନ୍ତର୍ଗତ ଆନ୍ତଃରାଜ୍ୟ ସାଇବର ଲଟ୍ ଘଟଣାରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଜି ଆଉ ୫ଜଣଙ୍କୁ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ମୃତିରଞ୍ଜନ ମହାରଣା ଓରଫ୍ ଚନ୍ଦନ(୨୧), ରାକେଶ ଚୌଧୁରୀ ଓରଫ୍ ବୁବୁ(୨୧), ଚନ୍ଦ୍ରକାନ୍ତ ଦାସ ଓରଫ୍ ସୁଦୁ (୨୧), ଅଭିଜିତ୍ ରାଉତ ଓରଫ୍ ପିଙ୍କୁ(୨୬) ଏବଂ ରୋହିତ କୁମାର ରାଉତ ଓରଫ୍ ରୋହିତ୍(୨୪)। ଏମାନଙ୍କ ନିକଟରୁ ବ୍ୟାଙ୍କ୍ ଆକାଉଣ୍ଟ୍, ମୋବାଇଲ୍, ଆଧାର ଓ ପାନ୍‌କାର୍ଡ ଜବତ କରାଯାଇଛି। ଏହି ଘଟଣାରେ ସମୁଦାୟ ଗିରଫଦାରୀ ସଂଖ୍ୟା ୧୪ରେ ପହଞ୍ଚିଛି। ଏହି ସାଇବର ଠକେଇ ଘଟଣାରେ ଗିରଫଦାରୀ ବଢ଼ିବ ବୋଲି ଏସିପି ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

ପୁଲିସ ତଦନ୍ତ କରି ଏହି ଠକେଇ ଘଟଣାରେ ପୂର୍ବରୁ ୪ ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ଗିରଫ କରିଥିବା ବେଳେ ଫେଡେରାଲ ବ୍ୟାଙ୍କ ଖାତାଗୁଡ଼ିକର ବିବରଣୀ ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ୫ଟି ବ୍ୟାଙ୍କ ଖାତା ମାଧ୍ୟମରେ ବେଆଇନ ଭାବେ ପ୍ରାୟ ୧୨ କୋଟି



୭୩ ଲକ୍ଷ ଟଙ୍କା କାରବାର କରାଯାଇଛି। ଏହି ୫ଟି ବ୍ୟାଙ୍କ୍ ଖାତା ଅଭିଯୁକ୍ତ ଚନ୍ଦନ, ବୁବୁ, ସୁଦୁ, ପିଙ୍କୁ ଓ ରୋହିତ୍‌ଙ୍କ ନାମରେ ରହିଥିଲା। ଅଭିଯୁକ୍ତମାନେ ସାଧାରଣ ଲୋକଙ୍କଠାରୁ ଷ୍ଟକ୍ ମାର୍କେଟ୍ ଓ ଟ୍ରେଡିଂ ଆଳରେ ପ୍ରଥମେ ଠକେଇ କରୁଥିଲେ। ଠକେଇ ଟଙ୍କାକୁ ଦେଇ ଅନ୍ୟ ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ସମ୍ପୃକ୍ତ ଆକାଉଣ୍ଟ୍‌ଗୁଡ଼ିକରେ ଠକେଇରେ ପାଇଥିବା ଟଙ୍କାକୁ ନେଣଦେଣ କରୁଥିଲେ। ସାଇବର ଥାନା ପୁଲିସ ଏ ସବୁକୁ ଯାଞ୍ଚ କରିବା ପରେ ଠକେଇ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଥିଲା। ପୁଲିସ ସୂଚନା ଅନୁସାରେ, ବିଭିନ୍ନ ଲୋକଙ୍କ ଅଜାଣତରେ ସେମାନଙ୍କର ପ୍ରମାଣପତ୍ର ଆଣି ମହାକାଳୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, ପ୍ରିୟା ଫିଟେକ ଭଳି ବେନାମୀ କମ୍ପାନୀ ନାଁରେ କରେଣ୍ଟ ଆକାଉଣ୍ଟ ଖୋଲୁଥିଲେ। କାଗଜପତ୍ରରେ କମ୍ପାନୀ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସମ୍ପୃକ୍ତ କମ୍ପାନୀର ଚିହ୍ନବର୍ଣ୍ଣ ନ ଥିଲା। ଏହି ଘଟଣାରେ ପୂର୍ବରୁ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ, ବନ୍ଧନ ବ୍ୟାଙ୍କ୍‌ର ଡେପୁଟୀ ମ୍ୟାନେଜର ଅଭିଷେକ ମହାନ୍ତି, ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ୍ କୁମାର ସାମଲ୍ ଗିରଫ ହୋଇଥିଲେ। ଏମାନେ କିଛି ବନ୍ଦ ଥିବା ତଥା କାରବାର ହେଉ ନ ଥିବା ଆକାଉଣ୍ଟ ଗୁଡିକୁ ମଧ୍ୟ ଠକଙ୍କୁ ଦେଉଥିଲେ। ଏହା ବଦଳରେ ସେମାନେ ପ୍ରତି ଆକାଉଣ୍ଟ ପିଛା ୧୦ରୁ ୫୦ ହଜାର ଟଙ୍କା ବ୍ୟାଙ୍କ୍‌ର ଅଭିଯୁକ୍ତ କର୍ମଚାରୀ କମିସନ ନେଉଥିଲେ। ଠକେଇ ଟଙ୍କା ପର୍ଯ୍ୟାୟକ୍ରମେ ଯେଉଁ ୧୦ରୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା ସେସବୁ

- ପୂର୍ବରୁ ୯ ଜଣଙ୍କୁ ଗିରଫ କରିଥିଲା ସାଇବର ଥାନା ପୁଲିସ
- ୫ଟି ବ୍ୟାଙ୍କ ଜମାଖାତାରେ ବେଆଇନ ଭାବେ ହୋଇଥିଲା ୧୩ କୋଟି କାରବାର

ଆକାଉଣ୍ଟ ୪ ଜଣ ଅଭିଯୁକ୍ତ ଖୋଲିଥିଲେ। ସେହିପରି ଠକମାନେ ବ୍ୟାଙ୍କରୁ ଆଣିଥିବା ଜାଲ ପ୍ରମାଣପତ୍ରରେ ବିଭିନ୍ନ ଟେଲିକମ୍ ଦୋକାନରୁ ସିମକାର୍ଡ କିଣିନେଉଥିଲେ। ପ୍ରତି ଠକେଇ ଘଟଣା ପରେ ଆକାଉଣ୍ଟ ବନ୍ଦ କରିଦେବା ସହିତ ସିମକାର୍ଡ ଗୁଡିକୁ ଭାଙ୍ଗି ଫିଙ୍ଗିଦେଉଥିବା ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଏହି ଘଟଣାରେ ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ, ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ, ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର ଗିରଫ ହୋଇଥିଲେ।

## ମହେଶ୍ୱର ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ



**ତିଗିରିଆ, ୧୭।୨(ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ପିଏମଶ୍ରୀ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ଚଳିତ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସରପଞ୍ଚ ପ୍ରତାପ ଜେନା, ପବିତ୍ର ମୋହନ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ ରଣା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ରଣା, ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ସୁଲେମାନ ଗୋଛି, ଶିକ୍ଷାବିତ କବିଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ମନସ୍ୱିନୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଲିଲି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



**ଫୁଲନଖରା, ୧୭।୨(ସମିସ):** ୪୨ମୌଜା କଳପଡ଼ା ପଞ୍ଚାୟତ ରାଉତରାପୁରସ୍ଥିତ ଲିଲି ଇଣ୍ଟରନ୍ୟାସନାଲ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ସାଗରିକା ପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି, ସ୍ଥାନୀୟ ଥାନା ଆଇଆଇସି ହେମନ୍ତ ସେଠୀ ମୁଖ୍ୟବକ୍ତା, ୪୨ମୌଜା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି, ପ୍ରାକ୍ତନ ପ୍ରାଧ୍ୟାପକ ଡଃ. ଏସ୍‌କେ କଲ୍ଲିମୁଲ୍ଲା, ଜିଲ୍ଲା ବିଜ୍ଞାନ ପ୍ରବକ୍ତା ଦେବ ପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ୟୁସୁଫ୍ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ମାରିୟମ ମୁଲ୍ଲା ହକ୍, ଦଧିଚି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ଭଟ୍ଟ ପ୍ରମୁଖ ଉପସ୍ଥିତି ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ସକିଲ୍ ଅଖତାର ଖାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଚୌଦ୍ୱାର, ୧୭।୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡ଼ି ପଞ୍ଚାୟତ ଅଧୀନ ପିଏମ୍‌ଶ୍ରୀ କଖଡ଼ି ନୋଡ଼ାଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶିବ ପ୍ରସାଦ ପତି, ସାମ୍ବାଦିକ ଶ୍ୱେତକାନ୍ତ ବେହେରା, ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମନ ଲଗାଇ ପାଠ ପଢ଼ି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ଭଲ ମଣିଷ ହେବାପାଇଁ ବିଦାୟୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ବିଦ୍ୟାଳୟର ୧୨୪ଜଣ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ନବମ ଶ୍ରେଣୀ ତରଫରୁ ପ୍ରଜ୍ଞାମିତା ସାହୁ ଓ ଅୟସକାନ୍ତ ସାହୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେଣୀ ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଓ ଶିକ୍ଷକ ଜ୍ଞାନ ରଞ୍ଜନ କର ବିଦାୟୀ ପିଲାଙ୍କୁ ଶୁଭାଶିର୍ବାଦ ପ୍ରଦାନ କରିଥିଲେ। ସୁକାନ୍ତ ନାୟକ, ହେମନ୍ତ ସାହୁ, ଜ୍ୟୋସ୍ନାମୟୀ ବେହେରା, କୈଳାସ ଦାସ, ସୁଜାତା ସାହୁ, ସୁପ୍ରିୟା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଅଲେଖ ସାଧୁ ବାଞ୍ଛାନିଧି ବାବାଙ୍କ ସ୍ମୃତିଚାରଣ



**ଟାଙ୍ଗୀ, ୧୭।୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ସ୍ଥିତ ଅଲେଖ ଟୁଙ୍ଗିର ବାବା ସ୍ୱର୍ଗତଃ ବାଞ୍ଛାନିଧି ଦାସଙ୍କ ସ୍ମୃତିଚାରଣ ସଭା ଓ ମହିମା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସାଢ଼େ ୪ ଘଟିକାରେ ଅଖଣ୍ଡ ଘୃତବତୀ ପ୍ରଜ୍ୱଳନ ଓ ବ୍ରହ୍ମଧୁନୀ ସ୍ଥାପନ ସହ ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ମହିମା ଧର୍ମ ସମାଜର ସଭାପତି ବାବା ଶୁକଦେବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟରେ ଓଡ଼ିଶାର ବିଭିନ୍ନ କୋଣରୁ ସାଧୁସନ୍ଥ ଅଂଶଗ୍ରହଣ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପ୍ରାକ୍ତନ ବିଧାୟକ ଚନ୍ଦ୍ରସାରଥୀ ବେହେରା, ପ୍ରକାଶ ବେହେରା, ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି, ବିଜେପି ନେତା ନୟନ କିଶୋର ମହାନ୍ତି, ହିମାଂଶୁ ମହାନ୍ତି, ଅରିନ୍ଦମ ରାୟ, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା, ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ଼ ପ୍ରମୋଦ ରଥ, ଚୌଧୁରୀ ହେମନ୍ତ ସାହୁ, ସୁବୋଧ ସାମଲ, ଜନ୍ମେଜୟ ଖିଲାର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସାଧୁସନ୍ଥଙ୍କ କୃପାଭିକ୍ଷା କରିଥିଲେ। ପ୍ରକାଶଥାଉକି ଉଭୟ କଟକ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଭ୍ରମଣକରି ମହିମା ଧର୍ମର ପ୍ରଚାରକ ସାଜିଥିବା ବାଞ୍ଛା ବାବା ଗତମାସ ୧୯ ତାରିଖରେ ଗାଙ୍ଗୀସ୍ଥିତ ଅଲେଖ ଟୁଙ୍ଗିରେ ଇହଲୀଳା ତ୍ୟାଗ କରିଥିଲେ। କାର୍ଯ୍ୟକ୍ରମରେ ଆକାଶ ପାତ୍ର, ମାନସ ଭଗତଙ୍କ ସମେତ ଅଞ୍ଚଳର ଶତାଧିକ ମହିମା ଧର୍ମର ଭକ୍ତ ସହଯୋଗ କରିଥିଲେ।

## ନବାହ୍ନ ପାରାୟଣ ମହାଯଜ୍ଞ ପ୍ରସ୍ତୁତି ବୈଠକ

**ଫୁଲନଖରା, ୧୭।୨(ସମିସ):** ନଖରା ମୌଜାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଆସନ୍ତା ରୁକ୍ମଣୀ ଅମାବାସ୍ୟା ଅବସରରେ ନବଦିନାତ୍ମକ ରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ପ୍ରାକ୍ ପ୍ରସ୍ତୁତି ବୈଠକ ପାରାୟଣ କମିଟି ସଭାପତି ବଂଶୀଧର

### ବଂଶୀଧର ଭୋଳ ସଭାପତି ଓ ପ୍ରଶାନ୍ତ ମହାନ୍ତି ସମ୍ପାଦକ ମନୋନୀତ

ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନବଦିନାତ୍ମକ ମହୋତ୍ସବ ଅବସରରେ ପ୍ରତ୍ୟେହ ବିଭିନ୍ନ ଗ୍ରାମର କଳାକାରଙ୍କ ଦ୍ୱାରା ରାମ ଲୀଳାଭିନୟ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ନଖରା ଗ୍ରାମ ରାମଜନ୍ମ, ପୁରୁଣା କାଚରାମାଳ ବାଳିବଧ, ନୂଆ କାଚରାମାଳ ଇନ୍ଦ୍ରଜିତ ବଧ, ଅଡାଳିଆ ମହୀରାବଣ ବଧ ଓ ନୂଆପାଟଣା ରାବଣବଧ ଅନୁଷ୍ଠିତ କରିବା ପାଇଁ



ସମସ୍ତ ଗ୍ରାମର ରାମଲୀଳା ସମିତିର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ପ୍ରତ୍ୟେକ ଦିନ ସଂଧ୍ୟାରେ ଉକ୍ତ ଗ୍ରାମର ୫ଜଣ ମୁରବୀ ଶ୍ରେଣୀୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଗଲା। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ବଂଶୀଧର ଭୋଳଙ୍କୁ ସଭାପତି, ପ୍ରଶାନ୍ତ ମହାନ୍ତିଙ୍କୁ ସମ୍ପାଦକ ଓ ଶଶିଭୂଷଣ ମହାନ୍ତିଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀର ସମସ୍ତ ସଭ୍ୟମାନଙ୍କ ସମେତ ରାମଲୀଳା ପ୍ରଚାର ସମିତିର ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ପାଢ଼ୀ, ବିଚିତ୍ରାନନ୍ଦ ଦଳାଇ, ଗନ୍ଧର୍ବ ଗିରି, ବଳରାମ ସାହୁ, କିଶୋର ଚନ୍ଦ୍ର ବରାଳ, ସୁଶୀଲ ମହାନ୍ତି, ନରେଶ ମହାନ୍ତି, ଜଟାଧାରୀ ବେହେରା, ହରିହର ସାହୁ, ଜିତେନ୍ଦ୍ର ଭୋଳ, ଅନୀଲ ମହାନ୍ତି, ସଚିତ୍ର ସାହୁ, ରମାକାନ୍ତ ସାହୁ, ଗଣେଶ ମହାନ୍ତି, ସୁଧାଂଶୁ ଶେଖର ପଟ୍ଟନାୟକ, ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଅବସରକାଳୀନ ସଭା



**କନ୍ଦରପୁର, ୧୭।୨(ସମିସ):** ପିଏମଶ୍ରୀ ବାଲୁଙ୍କେଶ୍ୱର ସରକାରୀ ନୋଡାଲ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗବନ୍ଧୁ ବେହେରାଙ୍କ ଅବସରକାଳୀନ ସଭା ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ ସହିତ ଅବସର ନେଉଥିବା ଜଗବନ୍ଧୁ ଭାଇଙ୍କ ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ବାଲୁଙ୍କେଶ୍ୱର ବିଦ୍ୟାପୀଠର ପୁରାତନ ଶିକ୍ଷକ ସୂର୍ଯ୍ୟମଣି ପରିଜା, ବ୍ରଜକିଶୋର ସିହ୍ନା, ନାରାୟଣ ସାହୁ, ଗୋପବନ୍ଧୁ ଷଡଙ୍ଗୀ, ସତ୍ୟନାରାୟଣ ପତି, ବିଜୟ ରାମ ବେଉରା, ପ୍ରହ୍ଲାଦ ମିଶ୍ର, କଳ୍ପତରୁ ପାଗଲ, ଅନାମ ଦାସ, ଅମର ଦାଶ, ଆଶୁତୋଷ ମିଶ୍ର, ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌତମ ପରିଡ଼ା ପୁରାତନ ଛାତ୍ର ତଥା ପ୍ରାକ୍ତନ ଶିକ୍ଷକ ରବୀନ୍ଦ୍ର ସାହୁ, କ୍ଷୀରୋଦ ଦାସ, କ୍ରୀଡା ଶିକ୍ଷକ ଶତ୍ରୁଘନ ସାର, ପୁରାତନ ଶିକ୍ଷକ ସ୍ୱର୍ଗତ ବନମାଳି ମହାରଣାଙ୍କ ଧର୍ମପତ୍ନୀ ଲାବଣ୍ୟବତୀ ମହାରଣା, ସୁଶୀଳା ଦଳାଇ, ପୁରାତନ ଛାତ୍ର ଆଲୁମନି ସଭାପତି ହେମନ୍ତ ପଟ୍ଟନାୟକ, ନିରାପତା କମିଟି ସଭ୍ୟ କ୍ଷୀରୋଦ ମୁଦୁଲି, ଅଲେଖ ଦାସ, ସବିତା ସ୍ୱାଇଁ ଏବଂ ପିଏମଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତ କର୍ମଚାରୀ ଅବସରକାଳୀନ ସଭାରେ ଉପସ୍ଥିତ ଥିଲେ। ଜଗବନ୍ଧୁଙ୍କ ସହ ତାଙ୍କ ସହଧର୍ମିଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ତଥା ୪୨ ମୌଜା ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି ସଭା ପରିଚାଳନା କରିଥିବା ବେଳେ ଶିକ୍ଷା କାର୍ଯ୍ୟାଳୟର ବିଜୟ ମିଶ୍ର, ନିକୁଞ୍ଜ ସ୍ୱାଇଁ, ରଞ୍ଜୁବାଳା ନାୟକ, ବିରଜା ମିଶ୍ର, ସୁମତି ମୁର୍ମୁ, ଆନନ୍ଦିତା ବେହେରା, ଶରତ ଦାସ, ସୁନୀଲ ସେନାପତି ପ୍ରମୁଖ ଯୋଗଦାନ କରିଥିଲେ।

## ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶିବ ଧ୍ୱଜା ଉତ୍ତୋଳନ

**କନ୍ଦରପୁର, ୧୭।୨(ସମିସ):** କନ୍ଦରପୁର ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ମହାଶିବରାତ୍ରି ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ମାନସ ପ୍ରଫେସର ଶରତ ରାଉତରାୟ ଓ ମୁଖ୍ୟଅତିଥି ଭାବେ ସମାଜସେବୀ ନବଘନ ରାଉତ ଯୋଗଦେଇ ଶିବରାତ୍ରିର ମହିମା ଉପରେ ବିଷଦ ଆଲୋଚନା କରିବା ସହିତ ଶିବ ଧ୍ୱଜା ଉତ୍ତୋଳନ ଓ ଦୀପ ପ୍ରଜ୍ୱଳନ କରିଥିଲେ। ଉତ୍ସବରେ ବ୍ରହ୍ମାକୁମାରୀ ସସ୍ମିତା ଭଉଣୀ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ କନ୍ଦରପୁର ସେବା କେନ୍ଦ୍ର ନିକଟସ୍ଥ ଗୀତା ପାଠଶାଳା ଗୁଡିକର ନୟନା ମାତା, ସ୍ୱର୍ଣ୍ଣପ୍ରଭା ମାତା, ଇଲା ମାତା, ସୁରେଖା ମାତା, ଅନ୍ତର୍ଯ୍ୟାମୀ ଭାଇ, ଚିତ୍ତ ଭାଇ, ପ୍ରକାଶ ଭାଇ, ବଂଶୀଧର ଭାଇ, ସଞ୍ଜୀବ ଭାଇ, ସମୀର ଭାଇ, ଅକ୍ଷୟ ଭାଇ ଓ ଦେବରାଜ ଭାଇ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।



### ଦୁଇଦିନିଆ ଏମଏସ୍‌ଏମଇ କର୍ମଶାଳା ଉଦ୍‌ଘାଟିତ

## ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ପିଏମ୍ ବିଶ୍ୱକର୍ମା

**କଟକ, ୧୭।୨(ସମିସ):** ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓସିଆ ପଡ଼ିଆଠାରେ ଦୁଇଦିନିଆ ଏମଏସ୍‌ଏମଇ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଏମ୍‌ଏସଏମ୍‌ଇ ମନ୍ତ୍ରଣାଳୟ ଏବଂ କଟକ ଏମଏସ୍‌ଏମଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ଆବୋଲି ସୁନୀଲ ନର୍ବଣେ, ଜିଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ, ଏମଏସ୍‌ଏମଇ- ଡିଏଫଓ ନିର୍ଦ୍ଦେଶକ ପି. କେ. ଗୁପ୍ତା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପିଏମ ବିଶ୍ୱକର୍ମା ଯୋଜନାରେ ଦେଶ ତଥା ରାଜ୍ୟରେ ବହୁ ଲାଭାର୍ଥୀ ଉପକୃତ ହୋଇଛନ୍ତି। ମହିଳାମାନେ ଘରେ ରହି ବେଶ ରୋଜଗାର କରୁଛନ୍ତି। ଏହି ଯୋଜନା ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ରାଜ୍ୟ ମୁଖ୍ୟ ସୁଶାନ୍ତ କୁମାର ବେହେରା ଯୋଜନାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ ଏବଂ କାରିଗରମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏସଏଲବିସି ଇନଚାର୍ଜ ଲିଙ୍ଗରାଜ ନାୟକ, ଆରଡ଼ିଏସଡିଇର ଆଞ୍ଚଳିକ ନିର୍ଦ୍ଦେଶକ ଗୌତମ ଚନ୍ଦ୍ର ସାହା, ଏସଆଇଡିବି ଭୁବନେଶ୍ୱର ଡିଜିଏମ ପି.କେ. ଚୌଧୁରୀ ଏବଂ ସିଜିଟିଏମଏସଇ ଆର୍ଥିକ ସାକ୍ଷରତା ପରାମର୍ଶଦାତା ସତ୍ୟନାରାୟଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ୧୦୦ରୁ ଅଧିକ ଷ୍ଟଲରେ ବିଭିନ୍ନ ଉତ୍ପାଦନ ପ୍ରଦର୍ଶନ ତଥା ବିକ୍ରୟ କରାଯାଉଛି।

## ଖଲର୍ଦ୍ଦା ଗ୍ରାମପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର



**ଫୁଲନଖରା, ୧୭।୨(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ଖଲର୍ଦ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୬୪ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗକୁ ବାରଙ୍ଗ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ, ତହସିଲଦାର ତୁଷାରଜ୍ୟୋତି ରଞ୍ଜନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ବିଇଓ ବିଭୂତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ଅଭିଜିତ୍ ଦାସ, ସହକାରୀ ଯନ୍ତ୍ରୀ ଜୟଶ୍ରୀ ରାଉତ, ବିଏସ୍‌ଓ ସ୍ମିତରାଣୀ ସାହୁ, ଜିପିଡିଓ ପ୍ରଜ୍ଞା ସାଗରିକା ନନ୍ଦ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସାମରିକ ମଙ୍ଗଳ ଅଧିକାରୀ ହରପ୍ରିୟା ସାମଲ, ବିପିସି ମମତା ନାୟକ, ଯୋଗାଣ ଅଧିକାରୀ ବିପିଏମ୍ ସ୍ମିତାରେଖା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟମ୍ବଦା ବେହେରା, ଏଡିଇଓ ରୁକ୍ମିଣୀ ପଣ୍ଡା, ସରପଞ୍ଚ ଇତିଶ୍ରୀ ସ୍ୱାଇଁ, ସମିତିସଭ୍ୟ ବେଣୁଧର ମୂଳିଆ ଓ ବିଭିନ୍ନ ବିଭାଗର ଅଧିକାରୀ ଜନସାଧାରଣଙ୍କ ଅଭିଯୋଗକୁ ଶୁଣିଥିଲେ।

### ଟାଙ୍ଗୀ ବ୍ଲକ୍‌ରେ ଅଚଳ ସରକାରୀ ଜିପ୍

# ଭଡ଼ା ଗାଡ଼ି ଭରସାରେ ବିଡ଼ିଓ

**ଟାଙ୍ଗୀ, ୧୭।୨(ସମିସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କ ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଓଆର୍-୦୫-ସି-୪୩୩୭ ନମ୍ବର ବିଶିଷ୍ଟ ଜିପ୍‌ଟି ଏବେ ଅଳିଆ ଗଦା ପାଲଟିଛି। ଦୀର୍ଘ ବର୍ଷ ଧରି ଚାଲିବା ପରେ ଏହାର ଅବଧି ଶେଷ ହୋଇଯାଇଥିବା ବେଳେ ଗତ ୧୦ ବର୍ଷରୁ ଅଧିକ ସମୟ ହେଲା ଏହା ଅଚଳ ହୋଇ ବ୍ଲକ ପରିସରରେ ପଡ଼ିରହିଛି। ଗାଡ଼ିଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିବାରୁ ବିଡ଼ିଓଙ୍କ ଯାତାୟତ ପାଇଁ ସରକାରୀ ଅନୁଦାନରେ ଏକ ଭଡ଼ା ଗାଡ଼ିର ବ୍ୟବସ୍ଥା କରାଯାଇଛି। ଭଡ଼ା ଗାଡ଼ିଟି ଚାଳକଙ୍କ ସହିତ ଆସୁଥିବାରୁ ବ୍ଲକରେ ନିଯୁକ୍ତ ଥିବା ସରକାରୀ ଚାଳକଙ୍କ ପାଇଁ କୌଣସି କାର୍ଯ୍ୟ ରହୁନାହିଁ। ଗାଡ଼ି



ଚାଳନା ବଦଳରେ ସେମାନେ ବସି ବସି ଦରମା ପାଉଛନ୍ତି ଏବଂ ଅନେକ ସମୟରେ ଅଧିକାରୀଙ୍କ ବ୍ୟକ୍ତିଗତ ବୋଲକରା ସାଜିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ସରକାରୀ ପାଣ୍ଠିର ଏଭଳି ଦୁରୁପଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଉକ୍ତ କଣ୍ଡେମ ବା ଅଚଳ ଗାଡ଼ିଟିକୁ ହଟାଇବା କିମ୍ବା ନୂତନ ଗାଡ଼ିର ବ୍ୟବସ୍ଥା କରିବା ନିମନ୍ତେ ବ୍ଲକ କର୍ତ୍ତୃପକ୍ଷ କେବଳ ମୋଟର ଯାନ ବିଭାଗକୁ ଚିଠି ଲେଖି ନିଜ ଦାୟିତ୍ୱ ଶେଷ କରିଦେଇଛନ୍ତି। ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରଶାସନିକ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ସରକାରୀ ଗାଡ଼ି ଅବହେଳିତ ଅବସ୍ଥାରେ ନଷ୍ଟ ହେଉଥିବା ବେଳେ ଅନ୍ୟପଟେ ଭଡ଼ା ଗାଡ଼ି ପାଇଁ ମୋଟା ଅଙ୍କର ଅର୍ଥ ବ୍ୟୟ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବେକାର ପଡ଼ିଥିବା ଚାଳକଙ୍କୁ ସଠିକ୍ କାର୍ଯ୍ୟରେ ନିୟୋଜିତ କରିବା ସହ ଅଚଳ ଗାଡ଼ିର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

- ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପଡ଼ିରହିଛି ଗାଡ଼ି
- ଚିଠି ଲେଖି ଦାୟିତ୍ୱ ସାରିଛନ୍ତି କର୍ତ୍ତୃପକ୍ଷ

## ଟାଟା ପାୱାର ଠିକାସଂସ୍ଥାର ବେପରୁଆ କାର୍ଯ୍ୟ

# ଖୋଳିଦେଲେ ନଦୀବନ୍ଧ, ଆତଙ୍କିତ ଦ୍ୱୀପାଞ୍ଚଳବାସୀ

ନିଶ୍ଚିନ୍ତକୋଇଲି,୧୭।୨(ସମିସ)





ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ତିଳକଣା ଓ ନେମାଳ ପଞ୍ଚାୟତ ସୀମାରେ ଥିବା ଚିତ୍ରୋପ୍ଳା-ଲୁଣା ନଦୀ ବନ୍ଧ ଏବେ ବିପଦସଂକୁଳ ଅବସ୍ଥାକୁ ଚାଲିଆସିଛି। ଟାଟା ପାୱାର କମ୍ପାନୀର ଜଣେ ଠିକାଦାର ବିଦ୍ୟୁତ ସଂଯୋଗ ପାଇଁ ମଣ୍ଡନ ଗ୍ରାମର କଦମ୍ବମୂଳ ନିକଟରେ ନଦୀ ବନ୍ଧକୁ ଫୁଟାଇ ଏକ ମିଟର ଗୋଲେଇର ଗର୍ତ୍ତ କରିଥିବା ଅଭିଯୋଗ ହୋଇଛି। ନଗସପୁରଠାରେ ନିର୍ମାଣାଧୀନ ବିଦ୍ୟୁତ ଗ୍ରୀଡ୍‌କୁ ଜଗତପୁର ବାରବୋଡିଆରୁ ୩୩ କେଭି ଲାଇନ ସଂଯୋଗ ପାଇଁ ମାଟି ତଳେ କେବୁଲ ବିଛାଯାଉଛି। ଲୋକଙ୍କ ବିରୋଧ ଭୟରେ ଠିକାଦାର ଜଣକ ଅତି ଚାଲାକିର ସହ ରାତିଅଧିଆ ନଦୀ ବନ୍ଧକୁ ଖୋଳି ପାଇପ୍ ପୁରାଇବା କାର୍ଯ୍ୟ କରିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। କଦମ୍ବମୂଳ ସ୍ଥାନଟି ପୂର୍ବରୁ ହିଁ ବନ୍ୟା ସମୟରେ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ପ୍ରତି ବର୍ଷ ବନ୍ୟା ଆସିଲେ ଗ୍ରାମବାସୀମାନେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ଦିନରାତି ଏହି ବନ୍ଧକୁ ଜଗି ରହିଥାନ୍ତି। ମାତ୍ର ଏବେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବନ୍ଧ ଦୁର୍ବଳ ହୋଇଯାଇଛି। ଯଦି ବନ୍ୟା ସମୟରେ ଏଠାରେ ଘଳିଆ ପଡ଼ି ଘାଇ ସୃଷ୍ଟି ହୁଏ, ତେବେ ଦୀପାଞ୍ଚଳର ୧୫ଟି ପଞ୍ଚାୟତ ସମେତ ପାଟକୁରା ଓ କଟକ ସଦର ନିର୍ବାଚନ ମଣ୍ଡଳୀର ବହୁ ଅଞ୍ଚଳ ଜଳମଗ୍ନ ହୋଇ ବ୍ୟାପକ ଧନଜୀବନ ହାନି ହେବାର ସମ୍ଭାବନା ରହିଛି।

- ୩୩ କେଭି କେବୁଲ ପାଇଁ ବନ୍ଧରେ ହେଲା ୧ ମିଟର ଗୋଲେଇର ଗର୍ତ୍ତ
- ବନ୍ୟା ସମୟରେ ଘାଇ ହେବା ଆଶଙ୍କା
- ୧୫ ପଞ୍ଚାୟତ ପ୍ରତି ବିପଦ

କେନ୍ଦ୍ରୁପାଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ନଦୀ ବନ୍ଧକୁ ଖୋଳିବା ପାଇଁ ଠିକାସଂସ୍ଥା ଅନୁମତି ନେଇଛି କି ନାହିଁ? ଗ୍ରାମବାସୀଙ୍କ ପଚରାଉଚରାରେ ଠିକାଦାର କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ବ୍ରଜବନ୍ଧୁ ବେଉରା, ସୁନାକର ସାହୁ ଓ ଅନ୍ୟମାନଙ୍କ ସମେତ ବହୁ ଗ୍ରାମବାସୀ ଏକଜୁଟ ହୋଇ ଘୋର ବିରୋଧ କରିଛନ୍ତି। ଓପିଟିସିଏଲ୍ କମ୍ପାନୀ ଏହି ୩୩ କେଭି ଲାଇନକୁ ମାଟି ତଳେ କେବୁଲ ଦ୍ୱାରା ନ ନେଇ ବିଦ୍ୟୁତ ଖୁଣ୍ଟ ବ୍ୟବହାର କରି ଉପରେ ନେଲେ ନଦୀ ବନ୍ଧ ସୁରକ୍ଷିତ ରହିବ ବୋଲି ସ୍ଥାନୀୟ ଲୋକେ ପ୍ରସ୍ତାବ ଦେଇଛନ୍ତି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ତୁରନ୍ତ ଏହି ସମ୍ବେଦନଶୀଳ ସ୍ଥାନକୁ ତଦନ୍ତ କରିବା ସହ ନଦୀ ବନ୍ଧର ସୁରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ବଡ଼ ଧରଣର ବିପର୍ଯ୍ୟୟ ଘଟିବାର ଆଶଙ୍କା ରହିଛି।

## ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ଶୋକ

ମାହାଙ୍ଗା,୧୭।୨(ସମିସ): ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଅଡମ ମହେଶପୁର ଗ୍ରାମର ଧର୍ମପ୍ରାଣା ମହିଳା ଅନ୍ନପୂର୍ଣ୍ଣା ନାୟକଙ୍କ ୯୦ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି। ସ୍ୱର୍ଗତ ସଦାଶିବ ନାୟକଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦେବୀ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ ଆ ଧ । ମ୍ି କ ବ । ଦ ୀ ମହିଳା ଥିଲେ। ଅଡମ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଅକ୍ଷୟ ନାୟକ ମୁଖାଗ୍ନି ପ୍ରଦାନ କରିଥିଲେ। ଅନ୍ତିମ ଯାତ୍ରାରେ ବଡପୁଅ ଅମର ନାୟକ, ଅଜୟ ନାୟକ, ଅକ୍ଷୟ ନାୟକ, ଅଭୟ ନାୟକ, ଝିଅ ମମତା ରାଉତରାୟ, ଯଦୁନାଥ ନାୟକ, ସୁଶାନ୍ତ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ ଏବଂ ପରିବାର ଓ ଆତ୍ମୀୟମାନେ ସାମିଲ ହୋଇଥିଲେ। ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଶାରଦା ପ୍ରଧାନ, ଯୁବନେତା ଶୋଭନ କର, ବିଜେପି ନେତା ସୁମନ୍ତ ଘଡେଇ, ଚୌଧୁରୀ ପ୍ରଭାତ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜବନ୍ଧୁ ଦାଶ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ସାମାଜିକ କର୍ମୀ ଅଖିଳେଶ ମହାନ୍ତି, ନରହରି ବିଶ୍ୱାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କାନୁନଗୋ, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।



## ସିଲେଇ ତାଲିମ ଶିବିର ଉଦ୍‌ଯାପିତ



ଡିଗିରିଆ,୧୭।୨(ସମିସ): ତିଗିରିଆ ବ୍ଲକ ଅଧୀନ କଳାପାଟ ଶିଳ୍ପ ତାଲିମ କେନ୍ଦ୍ରରେ ୧୫ ଦିନ ଧରି ଚାଲିଥିବା ମହିଳାମାନଙ୍କର ସିଲେଇ ତାଲିମ ଶିବିର ମଙ୍ଗଳବାର ଉଦଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଖଦି ଗ୍ରାମୋଦ୍ୟୋଗ କମିଶନଙ୍କ ଆନୁକୂଲ୍ୟରେ ଓ ସ୍ଥାନୀୟ ଅଞ୍ଚଳର ନୀଳାଚଳ ରପ୍ତାନୀ ଯୋଗ୍ୟ ଖଦି ଓ ଗ୍ରାମୋଦ୍ୟୋଗ ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୨୦ ଜଣ ମହିଳା ତାଲିମ ଗ୍ରହଣ କରୁଥିଲେ। ଉଦଯାପନୀ ଉତ୍ସବରେ ନୀଳାଚଳ ରପ୍ତାନୀ ଯୋଗ୍ୟ ଖଦି ଓ ଗ୍ରାମୋଦ୍ୟୋଗ ଅନୁଷ୍ଠାନର ସଭାପତି ଅମୂଲ୍ୟ ମିଶ୍ର ମୁଖ୍ୟଅତିଥି, ସମ୍ପାଦକ ଭାଗିରଥି ନନ୍ଦ ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ଭାବେ ବିନ୍ଧାଣିମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜିତ ରାଉତ, ସିଲେଇ ଟ୍ରେନିଂ ପ୍ରଦାନ କରିଥିବା ମାଷ୍ଟର ଖୁର୍ସିଦୁଲ ହକ୍, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମହିଳାଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସମାଜସେବୀ ଯୋଗୀନାଥ ପଣ୍ଡିତ, ସୁକାନ୍ତ ନାୟକ, ମିଟୁ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାରୁ ପରିବାର ଉପରେ ଆକ୍ରୋଶ

**ଦୁର୍ବୃତ୍ତଙ୍କ ଦ୍ୱାରା ବ୍ୟାପକ ସମ୍ପତ୍ତି ନଷ୍ଟ**



ନିଶ୍ଚିନ୍ତକୋଇଲି,୧୭।୨(ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ନତକାଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ସରକାରୀ ଜମି ଜବରଦଖଲ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇବା ଯୋଗୁଁ ସ୍ଥାନୀୟ ବିଶ୍ୱାଳ ପରିବାର ପ୍ରତିଶୋଧର ଶିକାର ହୋଇଛନ୍ତି। ସୂଚନା ମୁତାବକ, ନତକାଇ ଜାଗୁଳାଇ ଠାକୁରାଣୀ ମନ୍ଦିର ନିକଟରେ ଥିବା ସରକାରୀ ପ୍ଲଟ ନଂ ୩୨୮୦ ରେ ଗ୍ରାମର କେତେକ ଯୁବକ ବେଆଇନ ଭାବେ ଗୃହ ନିର୍ମାଣ କରୁଥିଲେ। ଏହି ବିଷୟରେ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରଶାସନକୁ ଜଣାଇବା ପରେ ତହସିଲଦାର ସମ୍ପୃକ୍ତ ଯୁବକଙ୍କୁ ଡକାଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗୃହ ନିର୍ମାଣ କରୁଥିବା ଯୁବକମାନେ ପ୍ରତିଶୋଧ ପରାୟଣ ହୋଇ ପ୍ରଶାନ୍ତ ଓ ତାଙ୍କ ଭାଇ ସନ୍ତୋଷ ବିଶ୍ୱାଳଙ୍କ ବାଡ଼ି ବଗିଚାରେ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ସୋମବାର ବିଳମ୍ବିତ ରାତିରେ ସେମାନେ ପରିବାରର ୧୫ଟି ଗୁଆ ଗଛ ସମେତ ନଡ଼ିଆ, ପିଜୁଳି ଓ ଝାଉଁ ଗଛକୁ ହାଣି ଦେବା ସହ ବାଡ଼ ଗୁଡ଼ିକୁ ଉପାଡ଼ି ରାସ୍ତାରେ ଫିଙ୍ଗି ଦେଇଛନ୍ତି। ଏପରିକି ଘର ବାରଣ୍ଡାରେ ଥିବା ବିଦ୍ୟୁତ୍ ବଲ୍‌ବଗୁଡ଼ିକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ବର୍ତ୍ତମାନ ପରିବାରର ସଦସ୍ୟମାନେ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଘଟଣାରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ପରିବାର ପକ୍ଷରୁ ତହସିଲଦାରଙ୍କ ନିକଟରେ ଦାବି କରାଯାଇଛି।

## ନରସିଂହପୁର ବ୍ଲକ୍ ଅଧ୍ୟକ୍ଷାଙ୍କୁ ରାଜ୍ୟ ବିଜେଡିର ସାଧାରଣ ସମ୍ପାଦିକା ଦାୟିତ୍ୱ



ନରସିଂହପୁର,୧୭।୨(ସମିସ): ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡିକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ଭାବେ ନରସିଂହପୁର ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନରସିଂହପୁର ମହିଳା ବିଜୁ ଜନତା ଦଳର କର୍ମକର୍ତ୍ତା, ବିଜୁ ଯୁବମୋର୍ଚ୍ଚା ସଦସ୍ୟ ଓ ଏକାଧିକ ସଂଗଠନ ପକ୍ଷରୁ ନରସିଂହପୁରଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶ୍ରୀମତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଦାୟିତ୍ୱ ମିଳିଥିବାରୁ ନରସିଂହପୁର ବ୍ଲକ ବିଜେଡି କର୍ମକର୍ତ୍ତା ପକ୍ଷରୁ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶିବ ଜୟନ୍ତୀ



ବଡମ୍ବା,୧୭।୨(ସମସ): ବଡମ୍ବା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ସେବା କେନ୍ଦ୍ରରେ ୯୦ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଭବ୍ୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପିକା ଡ. ପୁଷ୍ପଲତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଡମ୍ବା ଅଗ୍ନିଶମ ବିଭାଗର ଅତିରିକ୍ତ ଅଧିକାରୀ ବିଶିକେଶନ ଦାଶ, ଅବସରପ୍ରାପ୍ତ ସହ ଶିକ୍ଷାଧିକାରିଣୀ ନିର୍ମଳା ବେହେରା, ନୀଳକଣ୍ଠେଶ୍ୱର ମନ୍ଦିରର ସଞ୍ଚାଳକ ଶିବ ନାରାୟଣ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ସ୍ୱାଇଁ, ଅଧ୍ୟାପକ ସନ୍ତୋଷ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବଡମ୍ବା ସେବା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ପୁଷ୍ପ ଭଉଣୀ ଶିବରାତ୍ରିର ଆଧ୍ୟାତ୍ମିକ ରହସ୍ୟ ଶୁଣାଇଥିଲେ। ସମସ୍ତଙ୍କ ସହଯୋଗରେ ଶିବଧ୍ୱଜା ଉତ୍ତୋଳନ କରାଯାଇଥିଲା। ବ୍ରହ୍ମାକୁମାରୀ ପ୍ରବୋଧ ଭାଇ ଧନ୍ୟବାଦ ଦେଇଥିଲେ।

## କୁଳିଆ ସ୍କୁଲରେ ପ୍ରବୋଧନ ତାଲିମ୍

ନିଶ୍ଚିନ୍ତକୋଇଲି,୧୭।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୁଳିଆ କାଶୀପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରବୋଧନ ତାଲିମ ଶିବିର ଆରମ୍ଭ ହୋଇଛି। ପାଟପୁର ବାପୁଜୀ କ୍ଲଷ୍ଟର ସିଆରସିସି ରାଜକିଶୋର ନାୟକଙ୍କ ସଂଯୋଜନାରେ ଏହି ତାଲିମ ଶିବିରକୁ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପରିଡା ଉଦ୍‌ଘାଟନ କରିଥିଲା ବେଳେ ଏଥିରେ ଅତିଥିଭାବେ ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରଭାତ ବେହେରା, ଜାକୀର ହୁସେନ ପ୍ରମୁଖ ଯୋଗ ଦେଇଥିଲେ। ୭ଟି କ୍ଲଷ୍ଟରର ୮୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥିବା ନୂତନ ପାଠ୍ୟ ପୁସ୍ତକର ସଞ୍ଚାଳନ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଉଛି। ୫ ଦିନ ଧରି ଚାଲୁଥିବା ଉକ୍ତ ଶିବିରରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ନିମାଇଁ ଚରଣ ସାହୁ, ଡାଏଟ୍ ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ଝରଣା ମଲିକ, ଇତିଶ୍ରୀ ବେହେରା ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ



ନରସିଂହପୁର,୧୭।୨(ସମିସ): ରାଷ୍ଟ୍ରୀୟ ସଙ୍ଗୀତ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱର ଅଧୀନ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମୂହିକ ଗାନ କରାଯାଇଥିଲା। ମୁଖ୍ୟଅତିଥିଭାବେ ବିଧାୟକ ବିଜୟ ଦଳବେହେରା, ସମ୍ମାନିତ ଅତିଥିଭାବେ ବିଡ଼ିଓ ପ୍ରଜ୍ଞାନନ୍ଦ ଶତପଥୀ, ଏବିଇଓ ଲକ୍ଷ୍ମୀଧର ବେହେରା, ବିଜୟ ଭୂୟାଁ, ନିରଞ୍ଜନ ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଅଧିକାରୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ ପୌରହିତ୍ୟ କରିଥିଲେ। ସିଆରସିସି ବିନାୟକ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସିଆରସିସି ରଞ୍ଜନ ସାହୁ, ସୁବ୍ରତ ଦାସ, ପ୍ରଧାନଶିକ୍ଷକ ଦାଶରଥୀ ଦାସ, ସ୍ୱାଗତ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**● ବୋଧପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ**

## ଡେଲ୍‌ଟା କ୍ରିକେଟ ଟିମ୍ ଚାମ୍ପିଅନ



କିଶନନଗର,୧୭।୨(ସମିସ): କଟକ ସଦର ଅନ୍ତର୍ଗତ ବୋଧପୁର ପଞ୍ଚାୟତର ମଲିଆବାଙ୍କ ପଡିଆରେ ୪ର୍ଥ ବୋଧପୁର ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚକୁ ମଦନମୋହନ ଦାସ ଓ ଅମ୍ବିକା ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଡେଲଟା କ୍ଲବ ଓ ଆଜାଦହିନ୍ଦ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଡେଲଟା କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୨୨ରନର ଟାର୍ଗେଟ ରଖିଥିଲା। ଆଜାଦହିନ୍ଦ କ୍ଲବ ୧୨୩ ରନରେ ସମସ୍ତ ୱିକେଟ ହରାଇଥିଲା। ଡେଲଟା କ୍ରିକେଟ କ୍ଲବ ଚମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ସଂଜିତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡିଶା ରାଷ୍ଟ୍ରବାଦୀ ସଂଘର ସଭାପତି ଇଂ ଗିରିଜା ଶଙ୍କର ପତି, ମୁଖ୍ୟବକ୍ତା ଭାବେ ଭାରତୀୟ କିଷାନ ସଂଘ ଓଡିଶାର ସମ୍ପାଦକ ଦେବୀପ୍ରସାଦ ପତି ଓ ସମ୍ମାନିତ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତା ମିଟୁ ମିଥୁନ, ଅବସରପ୍ରାପ୍ତ ଆରୋହୀ ଅଧିକାରୀ ବିଶ୍ୱରଞ୍ଜନ ଜେନା ଓ ଅନିଲ ମହାପାତ୍ର ଯୋଗ ଦେଇଥିଲେ।

## ତିଗିରିଆ: ୮୦୫ ଜଣ ପରୀକ୍ଷାର୍ଥୀ ଦେବେ ଯୁକ୍ତ ଦୁଇ ପରୀକ୍ଷା

ତିଗିରିଆ,୧୭।୨(ସମିସ): ଆସନ୍ତାକାଲିଠାରୁ ଯୁକ୍ତ ଦୁଇ ଶ୍ରେଣୀର ବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଚଳିତବର୍ଷ ଏହି ପରୀକ୍ଷାରେ ତିଗିରିଆ ବ୍ଲକରେ ମୋଟ ୮୦୫ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳାରେ ୭୦୯ ଜଣ ଛାତ୍ରଛାତ୍ରୀ, ବିଜ୍ଞାନରେ ୯୫ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ଜଣେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରେ ତିଗିରିଆ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୨୩ ଜଣ, ପ୍ରସନ୍ନ ପୁରୁଷୋତ୍ତମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୨୩ ଜଣ କଳା ଓ ୧୧ ଜଣ ବିଜ୍ଞାନ ଓ ଜଣେ ଧନ୍ଦାମୂଳକ ବିଭାଗ, ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪୧ ଜଣ କଳା ଓ ୮୪ ଜଣ ବିଜ୍ଞାନ ବିଭାଗରେ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷଙ୍କଠାରୁ ସୂଚନା ମିଳିଛି। ସେହିପରି ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା କାର୍ଯ୍ୟ ସଂପାଦନ ପାଇଁ ବିଦ୍ୟାଳୟ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସୂଚନା ମିଳିଛି।

# ବିଭିନ୍ନ ବ୍ଲକରେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି

ତିଗିରିଆ,୧୭।୨(ସମସ)



ହାଇସ୍କୁଲ ପରୀକ୍ଷା ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ ପରୀକ୍ଷା ପରିଚାଳନା କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତିଗିରିଆ ବ୍ଲକରେ ୬ଟି କେନ୍ଦ୍ରରେ ୧୦୮୮ ଜଣ ପରୀକ୍ଷା ଦେବେ। ୩ଟି କେନ୍ଦ୍ର ଉତ୍ତେଜନାପୂର୍ଣ୍ଣ ବୋଲି ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣା ପ୍ରକାଶ କରିଛନ୍ତି। ଶ୍ରୀ ମହାରଣାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ ନୋଡାଲ ସେଣ୍ଟରଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାକୁ କିଭଳି ଶାନ୍ତିଶୃଙ୍ଖଳା ସହିତ ଏବଂ କପି ମୁକ୍ତ କରାଯିବ ତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଅନ୍ୟ ଏକ ପରୀକ୍ଷାକେନ୍ଦ୍ର ବିନ୍ଧାଣିମା ବାଳିକା ବିଦ୍ୟାଳୟରେ ମଧ୍ୟ ଉକ୍ତ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ବାଙ୍କୀ ବ୍ଲକ୍‌ର ମହାନଦୀ ଉତରକୁଳାଟ ତଥା ତିଗିରିଆ ବ୍ଲକକୁ ଲାଗିଥିବା ଉତରକୁଳାଟ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ଆଉ ଏକ ପରୀକ୍ଷା କେନ୍ଦ୍ର ଭାବେ ରହିଛି। ମୋଟ ୮ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଶ୍ନପତ୍ରମାନ ପ୍ରେରଣ କରିବାର ସମସ୍ତ ବନ୍ଦୋବସ୍ତ କରାଯାଇଥିବା ଶ୍ରୀ ମହରଣା ପ୍ରକାଶ କରିଥିଲେ। ପରୀକ୍ଷା ସେଣ୍ଟର ଅଧୀକ୍ଷିକା ତଥା ପବିତ୍ର ମୋହନ ନୋଡାଲ ସରାକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଂଘୋ ହାଁସଦା ବୈଠକରେ ପରିଚାଳନା କରିଥିଲେ। ପରୀକ୍ଷା ପାଇଁ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ଡେପୁଟି ଅଧୀକ୍ଷକ ଭାବେ ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପହଞ୍ଚାଇବାରେ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ବିଶ୍ୱାଳ, ବଟକୃଷ୍ଣ ସାହୁ, ବିପିନ ବିହାରୀ ମୁଦୁଲି ଏବଂ ଜୟନ୍ତ ପାତ୍ର ପ୍ରମୁଖ ରହିଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଇଥିବା ବେଳେ ଆନୁଷଙ୍ଗିକ ସୁବିଧା ମାନ ଯୋଗାଇ ଦିଆଯାଇଛି ବୋଲି ବ୍ଲକ ସାଧାନକେନ୍ଦ୍ର ସଂଯୋଜକ ତଥା ସେଣ୍ଟର ପର୍ଯ୍ୟବେକ୍ଷକ ମାଧବଚନ୍ଦ୍ର ଦେଉରୀ ପ୍ରକାଶ କରିଛନ୍ତି।

- ତିଗିରିଆରେ ୬ଟି କେନ୍ଦ୍ରରେ ପରୀକ୍ଷା ଦେବେ ୧୦୮୮ ପରୀକ୍ଷାର୍ଥୀ
- ଶାନ୍ତିଶୃଙ୍ଖଳାରେ ପରୀକ୍ଷା ପରିଚାଳନାକୁ ଗୁରୁତ୍ୱ; ୩ କେନ୍ଦ୍ର ଉତ୍ତେଜନାପୂର୍ଣ୍ଣ

## ସାଲେପୁର: ୧୨ଟି କେନ୍ଦ୍ରରେ ପରୀକ୍ଷା ଦେବେ ୨୪୬୩ ଛାତ୍ରଛାତ୍ରୀ

ସାଲେପୁର,୧୭।୨(ସମିସ): ସାଲେପୁର ଶିକ୍ଷାମଣ୍ଡଳରେ ଚଳିତ ବର୍ଷ ୨୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ଜଣାଯାଇଛି। ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେଉଥିବା ମାଟ୍ରିକ୍ ପରୀକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସାଲେପୁର ଶିକ୍ଷାମଣ୍ଡଳରେ ୧୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୩ଟି ନୋଡ଼ାଲ ସେଣ୍ଟର କରାଯାଇଥିବା ଜଣାଯାଇଛି। ସେଥିମଧ୍ୟରୁ ସାଲେପୁର ବ୍ଲକ୍‌ରେ ୯ଟି ପରୀକ୍ଷା କେନ୍ଦ୍ର ପାଇଁ ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲ ନୋଡାଲ ସେଣ୍ଟର କରାଯାଇଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ଅହମ୍ମଦ ବକ୍ସ ହାଇସ୍କୁଲ ଓ ମାହାଙ୍ଗା ବ୍ଲକ୍‌ର ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରକୁ ନୋଡ଼ାଲ ସେଣ୍ଟର ଭାବେ ଗଠନ କରାଯାଇଛି। ସେହିପରି ନିଶ୍ଚିନ୍ତକୋଇଲି ନୋଡ଼ାଲ ସେଣ୍ଟର ଅଧୀନରେ ସାଲେପୁର ବ୍ଲକ ଦ୍ୱୀପାଞ୍ଚଳର ଗୁଆଳି ହାଇସ୍କୁଲ ଓ ସୁରେନ୍ଦ୍ରନାଥ ହାଇସ୍କୁଲ ରହିଥିବାବେଳେ ସାଲେପୁର ବ୍ଲକ୍‌ର ଏକ୍ରାମ ରସୁଲ ହାଇସ୍କୁଲ ରାଇସୁଙ୍ଗୁଡ଼ା ମାହାଙ୍ଗା ବ୍ଲକ୍‌ର ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ନୋଡ଼ାଲ ସେଣ୍ଟର ଅଧୀନରେ ରହିଛି। ଚଳିତ ବର୍ଷ ସାଲେପୁର ବ୍ଲକ୍‌ରେ ମୋଟ୍ ୧୨ଟି ସେଣ୍ଟରରେ ୨ହଜାର ୪ଶହ ୬୩ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି ଜଣାଯାଇଛି।

